## ସଂକ୍ଷେପରେ

### କେରେଡ଼ି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଫୁଲବାଣୀ ଅଫିସ, ୨୯।୧: ଫୁଲବାଣୀ ବ୍ଲକ କେରେଡି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ତାରାପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ପରିଶ୍ରମ ହିଁ ସଫଳତାର ଏକମାତ୍ର ଚାବିକାଠି ବୋଲି ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଓଡ଼ିଆ ପ୍ରାଧାପିକା ଜ୍ୟୋତିର୍ମୟୀ କହଁର, ସମ୍ମାନିତ ଅତିଥି ଭାବେ ସରପଞ୍ଚ ବିନିତା ପ୍ରଧାନ, ସ୍କୁଲ ପରିଚାଳନା କମିଟି ସଭାପତି ସୁରଜ ଦିଗାଲ, ମୋ ସ୍କୁଲ ଅଭିଯାନ କମିଟି ସଭାପତି ପ୍ରବୀଣ କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବିକାଶରେ ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମାନ ଭାଗୀଦାରିତା ରହିଛି ବୋଲି କହିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଖୁଡୁଖୁଡ଼ି ଖେଳରେ ଚଢ଼ାଉ, ୪ ଗିରଫ

ଡାବୁଗାଁ,୨୯।୧(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଶିଂସାରି ହାଟରେ ଖୁଡୁଖୁଡ଼ି ଖେଳ ଚାଲିଥିବାବେଳେ ରବିବାର ସନ୍ଧ୍ୟାରେ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ହାଟରେ ଜୁଆଖେଳ ଚାଲିଥିବା ଖବର ପାଇ ଡାବୁଗାଁ ଥାନା ପୋଲିସ ଚଢ଼ାଉ କରିଥିଲା। ଏଥିରେ ସମ୍ପୃକ୍ତ କାରାଗାଁ ଗ୍ରାମର ସୁମନ୍ତ ମଣ୍ଡଳ (୩୫), ଭଦ୍ରଶାଳାପଦର ଗ୍ରାମର ଘେନୁ ବିଶୋୟୀ(୩୫) ଓ ସାଲିମଧର ହରିଜନ(୪୫) ଏବଂ ଛତିଶଗଡ଼ ରାଜ୍ୟ ବସ୍ତର ଜିଲା କରପାଉଣ୍ଡ ଥାନା ଅଧୀନ ସନ୍ଧ କରମରୀ ଗ୍ରାମର ଗଣେଶ ନାଗ(୩୧)ଙ୍କୁ ଗିରଫ କରାଯାଇଛି। ଖୁଡୁଖୁଡ଼ି ଖେଳରେ ବ୍ୟବହୃତ ସାମଗ୍ରୀ ଏବଂ ୩୭୦୦ ଟଙ୍କା ଜବତ କରାଯାଇଥିବା ଆଇଆଇସି ସୁନୀଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଚଢ଼ାଉରେ ଡାବୁଗାଁ ଥାନା ଏଏସ୍ଆଇ ଶିଶିର କାନ୍ତ ଘୋଷ ଓ ପୋଲିସ କର୍ମଚାରୀ ସାମିଲ ଥିଲେ।

### ଚକ୍ଷୁ ପରୀକ୍ଷା ଶିବିର

ରାୟଗଡା ଅଫିସ,୨୯।୧: ରାୟଗଡା ବ୍ଲକର ଅମଲାଭଟା ଛକ ନିକଟସ୍ଥ ଅନନ୍ତ ବାସୁଦେବ ମନ୍ଦିର ପରିସରରେ ସକ୍ଷମ ଅନୁଷ୍ଠାନ ପକ୍ଷରୁ ମାଗଣ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହେଇଯାଇଛି। ଶିବିରରେ ୫୬ ଜଣ ଚକ୍ଷୁ ପରୀକ୍ଷା କରିଥିଲେ। ସେଥିରୁ ୨୯ ଜଣଙ୍କ ପାଇଁ ଚଷମା ଆବଶ୍ୟକତା ରହଛି। ସେମାନଙ୍କୁ ଏହା ସକ୍ଷମ ତରଫରୁ ପ୍ରଦାନ କରାଯିବ। ଶିବିରକୁ ଆସିଥିବା ଜଣେ ଦିବ୍ୟାଙ୍ଗଙ୍କୁ ଆବଶ୍ୟକତା ଅନୁଯାୟୀ ସମସ୍ତଙ୍କ ସୁବିଧା ସକ୍ଷମ ଯୋଗାଇଦେବ ବୋଲି ପ୍ରାନ୍ତ ସଚିବ ରାମଚନ୍ଦ୍ର ସାହୁ କହିଛନ୍ତି। ପ୍ରାନ୍ତ ଯୁବା ପ୍ରମୁଖ ଶ୍ୟାମ କୁମାର ଦାଶ ଶିବିର ପରିଚାଳନା କରିଥିଲେ।

# କନ୍ଧମାଳ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

ଫୁଲବାଣୀ ଅଫିସ, ୨୯।୧

କନ୍ଧମାଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ରବିବାର ଉଦ୍‌ଯାପିତ ହୋଇଛି । ଜିଲାର କଳା, ସଂସ୍କୃତି, ପରମ୍ପରାକୁ ପ୍ରଦର୍ଶନ କରି ଭାଇଚାରାରେ ସମସ୍ତଙ୍କୁ ବାନ୍ଧି ରଖିବା ପାଇଁ ଉଦ୍ଦିଷ୍ଟ ଏହି ମହୋତ୍ସବକୁ ଜିଲାବାସୀ ଖୁବ୍ ଉପଭୋଗ କରିଛନ୍ତି । ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ଜିଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରମୁଖ ଯୋଗଦେଇ ଏହି ଉତ୍ସବ ଭାଇଚାରାକୁ ଅଧିକ ସୁଦୃଢ଼ କରିଛି ବୋଲି କହିଥିଲେ ।

ଏହି ଉତ୍ସବରେ ପ୍ରତ୍ୟେକ ଅପରାହ୍ନରୁ ରାତି ପର୍ଯ୍ୟନ୍ତ ଜିଲାର ବଛାବଛା କଳାକାର ଏବଂ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ସେମାନଙ୍କ କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ସେହିପରି ବାହାର ରାଜ୍ୟ ଆସାମ, ପଶ୍ଚିମବଙ୍ଗ, ମଣିପୁର କଳାକାରମାନଙ୍କ ଦ୍ୱାରା ପୁରୁଲିଆ ଛଉ, ବିହୁନୃତ୍ୟ, ମହୁଲ ବେଟା, ମାର୍ଶଲ ଆର୍ଟ ଆଦି ଦର୍ଶକଙ୍କ ମନ ଜିଣିଥିଲା । ମେଳାରେ ବିଭିନ୍ନ ପ୍ରକାର ୨୫୦ ଷ୍ଟଲ ଖୋଲାଯାଇଥିଲା । ବିଶେଷ କରି ଏସ୍ଏଚ୍‌ଜିଙ୍କ ଲାଗି ୧୫୦, କୃଷି ମହୋତ୍ସବ ଲାଗି ୪୦ ଏବଂ ଖାଦ୍ୟ ଷ୍ଟଲ ପ୍ରଶାସନ ପକ୍ଷରୁ କରାଯାଇଥିଲା । ମେଳାରେ ଏସ୍ଏଚ୍‌ଜି ମହିଳାଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ଭଲ କିଣାବିକା ହୋଇଥିବା ମହିଳା ସଂଘ ସଦସ୍ୟାମାନେ କହିଛନ୍ତି।

# କବିସୂର୍ଯ୍ୟଙ୍କ ପ୍ରତିମୂର୍ତ୍ତିକୁ ଅବହେଳା

କବିସୂର୍ଯ୍ୟନଗର,୨୯।୧(ଡି.ଏନ.ଏ.)

ସହର ସୁନ୍ଦର ପାଇଁ ହେଉ କି ସହରର ପରିଚୟ ପାଇଁ ହେଉ କବିସୂର୍ଯ୍ୟନଗର ଆଇବି ଛକ ଠାରେ କବିସୂର୍ଯ୍ୟ ବଳଦେବ ରଥଙ୍କ ପ୍ରତିମୂର୍ତ୍ତିଟିଏ ସ୍ଥାପନ କରାଯାଇଛି। ପ୍ରତିମୂର୍ତ୍ତିଟିର ରକ୍ଷଣାବେକ୍ଷଣ ଦାୟିତ୍ୱ ଏନଏସି ଓ ପୂର୍ତ୍ତ ବିଭାଗ ହାତରେ ଥିଲେ ମଧ୍ୟ ଏହାକୁ ଅବହେଳା କରାଯାଉଥିବାରୁ ସହରବାସୀ କ୍ଷୋଭ ପ୍ରକାଶ କରିଛନ୍ତି। କବିସୂର୍ଯ୍ୟଙ୍କ ନାଁରେ କବିସୂର୍ଯ୍ୟନଗର ସହରରେ ଦୁଇଟି ଅନୁଷ୍ଠାନ ଯଥା କବିସୂର୍ଯ୍ୟ ବଳଦେବ ସଂସଦ ପରିଷଦ ଓ କବିସୂର୍ଯ୍ୟ ପ୍ରତିଭା ପରିଷଦ ରହିଛି। କବିସୂର୍ଯ୍ୟ ବଳଦେବ ଜୟନ୍ତୀ ପାଳନ ହୋଇଛି। ହେଲେ କବିସୂର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ଦେଇ ଜୟନ୍ତୀ ପାଳନ ସାରି ଦିଆଯାଇଛି। ପ୍ରତିମୂର୍ତ୍ତି ସଫା କରାଗଲାନି କି ରଙ୍ଗ ଟିକେ ଦିଆଗଲାନି। ଏହା କବିସୂର୍ଯ୍ୟଙ୍କ ପ୍ରତି ଅବହେଳା ନା ଅର୍ଥ ଅଭାବ ପାଇଁ ଏଭଳି ଅବସ୍ଥାରେ ରଖାଗଲା ତାହାକୁ ନେଇ ଏବେ ଆଲୋଚନା ଚାଲିଛି। ନିର୍ମାଣ ପରେ ପ୍ରତିମୂର୍ତ୍ତି ଉପରେ ଛାତ ନିର୍ମାଣ ପାଇଁ ପ୍ରସ୍ତାବ ଥିଲେ ମଧ୍ୟ ଆଜି ଯାଏ ନିର୍ମାଣ ହୋଇପାରିଲା ନାହିଁ। ଯଦ୍ୱାରା ଉପରେ ପକ୍ଷୀ ମଳତ୍ୟାଗ କରି ପ୍ରତିମୂର୍ତ୍ତି ଅପରିଷ୍କାର ହୋଇପଡିଛି। କେବେ ଏହି ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ସମ୍ମାନ ମିଳିବ ସହରବାସୀ ତାହାକୁ ଅପେକ୍ଷା କରିଛନ୍ତି।


କବିସୂର୍ଯ୍ୟ ବଳଦେବଙ୍କ ପ୍ରତିମୂର୍ତ୍ତି।

# ଭାରତୀୟ ସାରସ୍ୱତ ବିଭବକୁ ବିଶ୍ୱବିଦିତ କରିଛି



ଆସରରେ ଉପସ୍ଥିତ ଅତିଥିବୃନ୍ଦ।

ବ୍ରହ୍ମପୁର ଅଫିସ୍,୨୯।୧

**କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ବହୁଭାଷୀ କବିତା ଆସର**

କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ଆଶ୍ରମ ସଭାଗୃହରେ ବହୁଭାଷୀ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁରର ସାରସ୍ୱତ କ୍ଷେତ୍ରକୁ ରାଜ୍ୟ ଓ ଜାତୀୟସ୍ତରରେ ପରିଚିତ କରାଇବା ଦିଗରେ ସାହିତ୍ୟିକମାନେ କଲମ ଚାଳନା କରିବା ସଙ୍ଗେ ସଙ୍ଗେ ଉଚ୍ଚମାନର ସାହିତ୍ୟ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ। ବହୁଭାଷୀ ବିବିଧତା ହିଁ ଆମର ଅସ୍ମିତା ଓ ସ୍ୱତନ୍ତ୍ରତା ବୋଲି କହିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଗଞ୍ଜାମ ଜିଲା ସଦସ୍ୟ ଅନିଲ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳିଙ୍ଗ ସାହିତ୍ୟ ସମାଜର ବିଭିନ୍ନ ଧାରାବାହିକ ସାରସ୍ୱତ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ସାହିତ୍ୟ ସମାଜ ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଆ କବି ଡ. କୁଳମଣି ଓଝା ଓ ତେଲୁଗୁ କବି କେ. ବିଜୟ ଚନ୍ଦ୍ର ସଂଯୋଜନା କରିଥିଲେ। ଏଥିରେ କବି ମନୋରଞ୍ଜନ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କବିତା ସର୍ଜନା ଓ କବିମନସ୍କତାର ଉପଲବ୍ଧି ବର୍ଣ୍ଣନା କରିଥିଲେ। କଳିଙ୍ଗ ସାହିତ୍ୟ ସମାଜ ଉପ ସଭାପତି ଡ. ବନମାଳୀ ପାଣିଗ୍ରାହୀ କବିତା ଆସରରେ ଅଧ୍ୟକ୍ଷତା କରିଥିଲେ। ବହୁଭାଷୀ ବିବିଧତା ହିଁ ଭାରତୀୟ ସାରସ୍ୱତ ବିଭବକୁ ବିଶ୍ୱବିଦିତ କରିଛି ବୋଲି କବିମାନେ ଆସରରେ ମତ ପ୍ରକାଶ କରିଥିଲେ। ଏହି ଆସରରେ ପ୍ରଫେସର ଏମ୍. ଏସ୍. ରାଓ, ଡ. ସନ୍ତୋଷ କୁମାର ଦାଶ, ଡ. ଗଙ୍ଗଲକ୍ଷ୍ମୀ ପଟ୍ଟନାୟକ, ଡ. ମୋହନ ରାଓ ପଟ୍ଟନାୟକ ଓ ମିହିର କୁମାର ରଥଶର୍ମା ଇଂଲିଶ କବିତା ଆବୃତ୍ତି କରିଥିଲେ। ତେଲୁଗୁ କବିତାକୁ ଏମ୍ଏସ୍‌ଭି ଗଙ୍ଗା ରାଜୁ, ଭି. ଚନ୍ଦ୍.କଳାଲୁ, ଏମ୍. କାମେଶ୍ୱରୀ ଓ କେ. ବିଜୟ ଚନ୍ଦ୍ର ପ୍ରମୁଖ ଆବୃତ୍ତି କରିଥିଲେ। ସାହିତ୍ୟ ସମାଜର ଅନ୍ୟତମ ଉପସଭାପତି ସ୍ୱର୍ଣ୍ଣପ୍ରଭା ପାଢ଼ୀ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ହୃଷୀକେଶ ପଣ୍ଡା, ଅନୁପ କୁମାର ମିଶ୍ର, ନଳିନୀକାନ୍ତ ଗୌଡ଼ ଓ କୈଳାସ ପାଣିଗ୍ରାହୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପରଲୋକରେ ଶୋକ

ପାରଳାଖେମୁଣ୍ଡି,୨୯।୧(ଡି.ଏନ.ଏ.)

ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ବିୟୋଗରେ ବିଭିନ୍ନ ରାଜନୈତିକ ମହଲରେ ଶୋକ ପ୍ରକାଶ ପାଇଛି। ମନ୍ତ୍ରୀ ରବିବାର ବ୍ରଜରାଜନଗର ଗସ୍ତରେ ଯାଇଥିବା ବେଳେ ଜଣେ ପୋଲିସ ଏଏସ୍ଆଇଙ୍କ ଗୁଳିମାଡ଼ରେ ପ୍ରାଣ ହରାଇବା ଘଟଣାକୁ ନେଇ ଗଜପତି ଜିଲା ବିଜେଡି ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି। ଜିଲା ସଭାପତି ପ୍ରଦୀପ ନାୟକ, ଯୁବ ସଭାପତି ଏସ୍.ଲିଙ୍ଗରାଜ, ଜିଲାପରିଷଦ ସଭାପତି ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌରପରିଷଦର ଅଧ୍ୟକ୍ଷା ନିର୍ମଳା ସେଠୀ, କାଶୀନଗର ଏନ୍ଏସି ଅଧ୍ୟକ୍ଷା ଏମ୍. ସୁଧାରାଣୀ, ହାଇଟେକ ଗ୍ରୁପର ଅଧ୍ୟକ୍ଷ ଡ.ତିରୁପତି ପାଣିଗ୍ରାହୀ, ଇଂ.ରୂପେଶ ପାଣିଗ୍ରାହୀ, ଜିଲା ବିଜେଡି ଉପସଭାପତି ଲକ୍ଷ୍ମୀକାନ୍ତ ପରିଚ୍ଛା, ବରିଷ୍ଠ ନେତା ବସନ୍ତ ଦାସ, ଜମିଦାର ପଟ୍ଟନାୟକ, ରାଜେନ୍ଦ୍ର ବେହେରା ପ୍ରମୁଖଙ୍କ ସମେତ ଜିଲାର ସମସ୍ତ ବ୍ଲକ ଅଧ୍ୟକ୍ଷା ଅଧ୍ୟକ୍ଷ, ଜିଲା ଓ ବ୍ଲକସ୍ତରୀୟ ନେତୃବୃନ୍ଦ ତଥା କର୍ମୀମାନଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ସେହିପରି ଜିଲା ଭାଜପା ଓ କଂଗ୍ରେସ ତରଫରୁ ମଧ୍ୟ ଶୋକ ବ୍ୟକ୍ତ କରାଯାଇଛି । ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଗୁଳିମାଡ ଘଟଣା ପ୍ରଚାରିତ ହେବା ପରେ ଗଜପତି ଜିଲା ଗସ୍ତରେ ଥିବା ମନ୍ତ୍ରୀ ଜଗନ୍ନାଥ ସାରକା ଓ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମଧ୍ୟ ଦୁଃଖ ପ୍ରକାଶ କରିଥିଲେ ।

# ଗୋଠଲି ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ପୋଲସରା,୨୯।୧(ଡି.ଏନ.ଏ.)

ପୋଲସରା ବ୍ଲକ ଅନ୍ତର୍ଗତ ବୁଡେଇଶୁଣି ଠାରେ ଗୋଠଲି ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ବିଦ୍ୟାଳୟକୁ ୫-ଟି ରେ ସାମିଲ କରାଇ ପିଲାମାନଙ୍କୁ ଉନ୍ନତ ଜ୍ଞାନ କୌଶଳ ଅତିଶୀଘ୍ର ଯୋଗାଇ ଦିଆଯିବା ନେଇ ମନ୍ତ୍ରୀ ଘୋଷଣା କରିଥିଲେ। ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦିବାକର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପୋଲସରା ଏନଏସିର ଅଧ୍ୟକ୍ଷା ସଙ୍ଗୀତ ବେହେରା, ଯୁବ ସଂଗଠକ ରାଜେନ୍ଦ୍ର ପ୍ରଧାନ, ସ୍ଥାନୀୟ ସରପଞ୍ଚ ମନୋଜ କୁମାର ପରିଡା, ସମିତି ସଭ୍ୟା ସରିତା କୁମାରୀ ଦେବୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ପୀତବାସ ଡାକୁଆ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗାଡ଼ି ପାର୍କିଂ ସ୍ଥଳ କାର୍ଯ୍ୟକ୍ଷମ ନ ହେବାରୁ କଂଗ୍ରେସର ବିକ୍ଷୋଭ

ମାଲକାନଗିରି, ୨୯।୧(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମା ସୁବାଷବୋଷ ଛକ ନିକଟରେ ପୌର ପରିଷଦ ପକ୍ଷରୁ ଜନସାଧାରଣଙ୍କ ସୁବିଧା ପାଇଁ ଏକ ଗାଡ଼ି ପର୍କିଂ ସ୍ଥଳ ଓ ଶୌଚାଳୟ ବ୍ୟବସ୍ଥା କରାଯାଇଛି। ଏହାର କାର୍ଯ୍ୟ ଶେଷ ହୋଇ ଅନେକ ଦିନ ବିତିବା ପରେ ଗତ ୨୫ ତାରିଖରେ ଏହା ଉଦ୍‌ଘାଟିତ ହୋଇଛି। ତେବେ ବର୍ତ୍ତମାନ ସୁଦ୍ଧା ପାର୍କିଂ ସ୍ଥଳ କାର୍ଯ୍ୟକ୍ଷମ ହୋଇନାହିଁ। ଏହାକୁ ତାଲା ପକାଇ ରଖାଯାଇଛି। ଫଳରେ ଜନସାଧାରଣ ଓ ସ୍ଥାନୀୟ ବ୍ୟବସାୟୀ ଗାଡି ରଖିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏହାର ପ୍ରତିବାଦରେ ଜିଲା କଂଗ୍ରେସ ପାର୍କିଂ ସ୍ଥଳରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରିଛି। ଏହା ଉଦ୍‌ଘାଟନ ପରେ ଜନସାଧାରଣଙ୍କ ପାଇଁ କାର୍ଯ୍ୟକ୍ଷମ କରଯଉନହିଁ ବୋଲି କଂଗ୍ରେସ ପ୍ରଶ୍ନ ଉଠାଇଛି। ଲୋକେ ଗାଡ଼ି ରାସ୍ତା କଡ଼ରେ ରଖି ଫାଇନ ଗଣୁଛନ୍ତି। ବ୍ୟବସାୟୀମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗାମୀ ୨୪ ଘଣ୍ଟା ଭିତରେ ପାର୍କିଂ ସ୍ଥାନରେ ପଡିଥିବା ତାଲା ଗାଡି ପାର୍କିଂ ପାଇଁ ଖୋଲା ନ ଗଲେ କଂଗ୍ରେସ ତାଲା ଭାଙ୍ଗି ଭିତରେ ପ୍ରବେଶ କରିବ ବୋଲି ଜିଲା କଂଗ୍ରେସ ଚେତାବନୀ ଦେଇଛି।

# ଗୋଟିଏ ଦୋକାନରୁ ଚୋରି, ଅନ୍ୟଟିରେ ବିଫଳ

ପଟ୍ଟାଙ୍ଗି,୨୯।୧(ଡି.ଏନ.ଏ.)

ପଟ୍ଟାଙ୍ଗି ବସଷ୍ଟାଣ୍ଡଠାରେ ଥିବା ଗୋଟିଏ ଦୋକାନରୁ ଚୋରି କରିବାରେ ଚୋରମାନେ ସଫଳ ହୋଇଥିବା ବେଳେ ଆଉ ଗୋଟିଏ ଦେକାନରୁ ଚୋରି ଉଦ୍ୟମ କରି ଶନିବାର ବିଳମ୍ବିତ ରାତିରେ ବିଫଳ ହୋଇଛନ୍ତି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ୨ଟି ଦୋକାନ ମୋବାଇଲ ଦୋକାନ ବୋଲି ଜଣାପଡିଛି। ଗତ କିଛି ଦିନ ହେଲା ସ୍ଥାନୀୟ ପୋଲିସ ଦ୍ୱାରା ବିଳମ୍ବିତ ରାତି ଯାଏ ବସଷ୍ଟାଣ୍ଡଠାରେ ଯାନବାହନଗୁଡିକୁ ଅଟକାଇ ଯାଞ୍ଚ କରାଯାଉଥିଲା। ଶନିବାର ଏହା କୌଣସି କାରଣରୁ ବନ୍ଦ ଥିଲା । ଏହାର ସୁଯୋଗ ନେଇ କେତେ ଜଣ ଦୁର୍ବୃତ୍ତ ବସଷ୍ଟାଣ୍ଡରେ ଥିବା ସାଇରାମ ନାମକ ଏକ ମୋବାଇଲ ଦୋକାନର ତାଲା ଭାଙ୍ଗି କବାଟ ଖୋଲିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ।

# ମୋହନା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ

ଆର.ଉଦୟଗିରି,୨୯।୧(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ମହେନ୍ଦ୍ରଗଡ଼ ଠାରେ ମୋହନା ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ଜିଲା ସଭାପତି ପ୍ରଦୀପ ନାୟକ, ଉପାଧ୍ୟକ୍ଷା କୁନ୍ତଳା ମଲ୍ଲିକ, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଗଜପତି ଜିଲା ଛାତ୍ର ସମାଜର ସଭାପତି, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଉପାଧ୍ୟକ୍ଷ ଧନେଶ୍ୱର ଭୂୟାଁ, ପାରଳାଖେମୁଣ୍ଡି ଅର୍ଜର ପୃଥ୍ୱୀରାଜ ସାହୁ, ମୋହନା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଜଗଦୀଶ ରାଓ, ଜିଲା ଉପସଭାପତି ଦଣ୍ଡାସି ସାହୁଙ୍କ ସମେତ ୪ଟି ବ୍ଲକ୍‌ର ଚେୟାରମ୍ୟାନ, ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟ ଓ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ମିଶ୍ରଣ ପର୍ବରେ ମୋହନା ନିର୍ବାଚନମଣ୍ଡଳୀରୁ ପ୍ରାୟ ୭୦ ଜଣ କର୍ମୀ ଅନ୍ୟ ଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ। କଂଗ୍ରେସର ମେରାପଲି ଓ ଚନ୍ଦ୍ରଗିରି ସମିତି ସଭ୍ୟ ବିଜେଡିରେ ମିଶିଥିଲେ। ଆଗାମୀ ଦିନରେ ଦଳ କିଭଳି ବିପୁଳ ଭୋଟରେ ବିଜୟ ହାସଲ କରିବ ସେନେଇ ଆଲୋଚନା ହୋଇଥିଲା।



ବିଜେଡିର ପ୍ରତିଷ୍ଠା ଦିବସରେ ଉପସ୍ଥିତ ନେତୃବୃନ୍ଦ।

# ଗଜପତି ଜିଲା ଯୋଜନା କମିଟି ବୈଠକ



ବୈଠକରେ ଆଲୋଚନା ଚାଲିଛି।

ପାରଳାଖେମୁଣ୍ଡି,୨୯।୧(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସ୍ଥାନୀୟ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ସମ୍ମିଳନୀ କକ୍ଷଠାରେ ଗଜପତି ଜିଲା ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମନ୍ତ୍ରୀ ଜଗନ୍ନାଥ ସାରକା, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ, ପଛୁଆବର୍ଗ ବିକାଶ ଏବଂ ଆଇନ ଓଡ଼ିଶା ଓ ଜିଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ଜିଲା ପରିଷଦ ଅଧ୍ୟକ୍ଷ ଜି.ତ୍ରିପତି ରାଓ, ଜିଲା ପରିଷଦ ଉପାଧ୍ୟକ୍ଷା କୁନ୍ତଳା ମଲ୍ଲିକ, ଜିଲାପାଳ ଲିଙ୍ଗରାଜ ପଣ୍ଡା, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର ଓ ମୁଖ୍ୟ ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରୀ ମଞ୍ଚାସୀନ ଥିଲେ। ଜିଲାକୁ ପ୍ରଗତି ପଥରେ ଆଗେଇ ନେବାକୁ ହେଲେ ସମସ୍ତଙ୍କର ସହଯୋଗ ଦରକାର ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ୫-ଟି ଓ ମୋ ସରକାର ଭଳି ଲୋକାଭିମୁଖୀ ଶାସନ ବ୍ୟବସ୍ଥା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ ତାଙ୍କର ଏକ ଅଭିନବ ପଦକ୍ଷେପ। ଗଜପତି ଜିଲା ପ୍ରଶାସନ କାର୍ଯ୍ୟଦକ୍ଷତା ଉପରେ ତାଙ୍କର ଭରସା ମଧ୍ୟ ରହିଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ।

ସେମାନଙ୍କ ପୂର୍ଣ୍ଣ ସହଯୋଗ ରହିବ ବୋଲି କହିଥିଲେ। ଗଜପତି ଜିଲାରେ ବିଭିନ୍ନ ଯୋଜନା ଗୁଡ଼ିକ ସମାଧାନ ପାଇଁ ଆମେ ଯୋଜନା ମଧ୍ୟ କରିଛୁ। ତେବେ ଜିଲା ଯୋଜନା ଅଟକଳ ୨୦୨୧-୨୨ ଓ ୨୦୨୨-୨୩ ଏବଂ ବିଜୁ କଲ୍ୟାଣ କନ୍ଧମାଳ ଓ ଗଜପତି ଯୋଜନା ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ ହୋଇଥିବା ବାର୍ଷିକ ଯୋଜନାକୁ ଅନୁମୋଦନ ପାଇଁ ସମସ୍ତଙ୍କର ପରାମର୍ଶ କାମନା କରିଥିଲେ।

ଏହି ବୈଠକରେ ଜିଲା ଯୋଜନା କମିଟି ଉପ-ନିର୍ଦ୍ଦେଶକ କୁଳମଣୀ ରାଉତ ଆର୍ଥିକ ବର୍ଷ ୨୦୨୧-୨୨ ଓ ୨୦୨୨-୨୩ ପାଇଁ ବିଭାଗର ଅଟକଳ ଉପରେ ତଥ୍ୟ ପ୍ରଦାନ କରିଥିବା ବେଳେ କୃଷି ଓ ଅନୁସଙ୍ଗିକ କାର୍ଯ୍ୟକ୍ରମ, ଗ୍ରାମ୍ୟ ଉନ୍ନୟନ, ବିଶେଷ ଆଞ୍ଚଳିକ କାର୍ଯ୍ୟକ୍ରମ, ଜଳ ସେଚନ ଓ ବନ୍ୟା ନିୟନ୍ତ୍ରଣ, ଶକ୍ତି ବିଭାଗ, ଶିଳ୍ପ ଓ ଖଣିଜ, ପରିବହନ, ବିଜ୍ଞାନ, ପରିବେଶ, ସାଧାରଣ ଆର୍ଥିକ ସେବା, ସାମାଜିକ ସେବା ଓ ସାଧାରଣ ସରକାରୀ ସେବା ବାବଦରେ ଆର୍ଥିକ ବର୍ଷ ୨୦୨୧-୨୨ ପାଇଁ ସମୁଦାୟ ୧୨୫୯କୋଟି ୧୪ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଥିବାବେଳେ ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ସମୁଦାୟ ୧୪୩୨ କୋଟି ୩୯ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ବିଜୁ କନ୍ଧମାଳ ଓ ଗଜପତି ଯୋଜନାରେ ସଡ଼କ, ବିଜୁଳି ପାଣି ଓ ଅନ୍ୟାନ୍ୟ ବାବଦରେ ସମୁଦାୟ ୩କୋଟି ୫୦ ଲକ୍ଷ୍ୟ ଟଙ୍କାର ବ୍ୟୟ ଅଟକଳ ଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ସେହି ସବୁ ବାବଦରେ ସମୁଦାୟ ୩କୋଟି ୫୦ଲକ୍ଷ୍ୟ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ଯାହାକି ଜିଲା ଯୋଜନା କମିଟି ଦ୍ୱାରା ଅନୁମୋଦିତ ହୋଇଥିଲା।

